1960
*ଅଗଷ୍ଟ 26*

ଉତ୍ତର ପ୍ରଦେଶ ରାଜ୍ୟ ଏବଂ ଅନ୍ୟମାନେ

ବନାମ

ଏଚ୍. ଏଚ୍. ମହାରାଜା ବ୍ରିଜେନ୍ଦ୍ର ସିଂହ

(ଏସ୍. କେ. ଦାସ, ଜେ. ଏଲ୍. କପୁର, କେ. ସୁବ୍ବା ରାଓ, ଏମ୍. ହିଦାୟତୁଲ୍ଲା ଏବଂ ଏନ୍. ରାଜଗୋପାଳ ଆୟଙ୍ଗର୍, ନ୍ୟାୟମୂର୍ତ୍ତିବୃନ୍ଦ)

*ଜମି ଅଧିଗ୍ରହଣ - ଭାରତ ସରକାର ଅଧିନିୟମର ବ୍ୟବସ୍ଥାଗୁଡ଼ିକର ଉଲ୍ଲଂଘନ କରୁଥିବା ବିଧାନ - ସମ୍ବିଧାନର ନବମ ଅନୁସୂଚୀରେ ପରବର୍ତ୍ତୀ ଅନ୍ତର୍ଭୁକ୍ତ - ତାହାର ସାମ୍ବିଧାନିକତା - ୟୁ. ପି. ଜମି ଅଧିଗ୍ରହଣ (ଶରଣାର୍ଥୀଙ୍କ ଥଇଥାନ) ଅଧିନିୟମ, 1948 (1948 ର ୟୁ. ପି. XXVI) ର , ଧାରା 11 - ଭାରତର ସମ୍ବିଧାନ, ଅନୁଚ୍ଛେଦ 31-B ଏବଂ ନବମ ଅନୁସୂଚୀ- ସମ୍ବିଧାନ (ଚତୁର୍ଥ ସଂଶୋଧନ) ଅଧିନିୟମ, 1955, ଧାରା 5 ।*

ଉତ୍ତରଦାତାଙ୍କ ସମ୍ପତ୍ତି ୟୁ. ପି. ଜମି ଅଧିଗ୍ରହଣ (ଶରଣାର୍ଥୀଙ୍କ ଥଇଥାନ) ଅଧିନିୟମ, 1948 ଅନୁଯାୟୀ ଅଧିଗ୍ରହଣ କରାଯାଇଥିଲା । ଉତ୍ତରଦାତା ଏକ ଆଜ୍ଞାଦେଶ ଆବେଦନ ମାଧମରେ ଅଧିନିୟମର ସାମ୍ବିଧାନିକତାକୁ ଆପତ୍ତି କରିଥିଲେ ଏବଂ ଯଦିଓ ଉଚ୍ଚ ନ୍ୟାୟାଳୟ ଏହି ଆବେଦନକୁ ଖାରଜ କରିଦେଇଥିଲେ, ଏହା ରାୟ ଦେଇଥିଲେ ଯେ ଅଧିନିୟମର ଧାରା 11 ର ଦୁଇଟି ପରନ୍ତୁକ ଅବୈଧ ଥିଲା କାରଣ ସେଗୁଡ଼ିକ ଭାରତ ସରକାର ଅଧିନିୟମର ଧାରା 299 (2) କୁ ଉଲଂଘନ କରିଥିଲେ । ପରବର୍ତ୍ତୀ ସମୟରେ, ସମ୍ବିଧାନ (ଚତୁର୍ଥ ସଂଶୋଧନ) ଅଧିନିୟମ, 1955, ୟୁ. ପି. ଅଧିନିୟମକୁ ନବମ ଅନୁସୂଚୀରେ ବିଷୟ ସଂଖ୍ୟା 15 ଭାବରେ ଅନ୍ତର୍ଭୁକ୍ତ କରିଥିଲା । ଆବେଦନକାରୀ ଯୁକ୍ତି ବାଢ଼ିଥିଲେ ଯେ ନବମ ଅନୁସୂଚୀରେ ଏହି ଅଧିନିୟମକୁ ସାମିଲ କରିବା ଦ୍ୱାରା ଭାରତ ସରକାର ଅଧିନିୟମର ଧାରା 299 (2) ଅନୁଯାୟୀ ସମ୍ବିଧାନର ଅନୁଚ୍ଛେଦ 31-B ଅନୁସାରେ ଏହାକୁ କୌଣସି ଆପତ୍ତି କରିବାରୁ ସୁରକ୍ଷା ମିଳିଛି ।

ଏହା ବିଚାର କରାଯାଇଥିଲା ଯେ, ଭାରତ ସରକାର ଅଧିନିୟମର ଧାରା 299 ର ଉଲ୍ଲଂଘନ ଆଧାରରେ ଏହି ୟୁ. ପି. ଅଧିନିୟମକୁ ଅସାମ୍ବିଧାନିକ ବୋଲି କୁହାଯାଇପାରିବ ନାହିଁ । ଅନୁଚ୍ଛେଦ 31-B ଦ୍ୱାରା ବିଶେଷ ଭାବରେ ସଂରକ୍ଷିତ ଏହି ଅଧିନିୟମର

ବ୍ୟବସ୍ଥାଗୁଡ଼ିକୁ ନବମ ଅନୁସୂଚୀ ସହିତ ପଠନ କରାଯାଇ, ଏହି ଅଧିନିୟମକୁ ଭାରତ ସରକାର ଅଧିନିୟମର ବ୍ୟବସ୍ଥାଗୁଡ଼ିକୁ ଉଲ୍ଲଂଘନ କରିଥିବା କାରଣରୁ ଆଇନତଃ ଅବୈଧ ବୋଲି ବିବେଚନା କରାଯାଇପାରିବ ନାହିଁ କିମ୍ବା କଦାପି ଆଇନତଃ ଅବୈଧ ହୋଇପାରିବ ନାହିଁ ।

*1960*
*ଉତ୍ତର ପ୍ରଦେଶ ରାଜ୍ୟ ଏବଂ ଅନ୍ୟମାନେ*
*ବନାମ*
*ଏଚ୍. ଏଚ୍. ମହାରାଜା ବ୍ରିଜେନ୍ଦ୍ର ସିଂହ*
*ନ୍ୟାୟମୂର୍ତ୍ତି କପୁର*

*ଧ୍ରୁଭା ଦେବୀସିଂହ ଗୋହିଲ ବନାମ ବମ୍ବେ ରାଜ୍ୟ,* [1955] 1 S.C.R. 691, ଉପରେ ନିର୍ଭର କରାଯାଇଥିଲା ।

*ସାଘିର ଅହମ୍ମଦ ବନାମ ୟୁ. ପି. ରାଜ୍ୟ,* [1955] 1 S. C. R. 707, ଲାଗୁ ହେବ ନାହିଁ ।

ଦେୱାନୀ ଆବେଦନ ଅଧିକାରିତା: ଦେୱାନୀ ଆବେଦନ ସଂଖ୍ୟା 131/1956 ।

1951 ର ଦେୱାନୀ ବିବିଧ ଆଜ୍ଞାଦେଶ ସଂଖ୍ୟା 7976 ରେ 1954 ମସିହା ଫେବୃଆରୀ 4 ତାରିଖରେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଦିଆ ଯାଇଥିବା ରାୟ ଏବଂ ଡିକ୍ରିରୁ ଆବେଦନ ।

ଆବେଦନକାରୀଙ୍କ ତରଫରୁ ଭାରତର ଅତିରିକ୍ତ ସଲିସିଟର ଜେନେରାଲ *ଏଚ. ଏନ. ସାନ୍ୟାଲ୍* ଏବଂ *ସି. ପି. ଲାଲ୍* ।

ଉତ୍ତରଦାତାଙ୍କ ତରଫରୁ *ଭି. ଏମ୍. ଲିମାୟେ, ଶ୍ରୀମତୀ ଇ. ଉଦୟରତ୍ନମ୍* ଏବଂ *ଏସ୍. ଏସ୍. ଶୁକ୍ଳା* ।

1960. ଅଗଷ୍ଟ 26. ନ୍ୟାୟାଳୟଙ୍କ ରାୟ ପ୍ରଦାନ କରାଯାଇଥିଲା।

ନ୍ୟାୟମୂର୍ତ୍ତି କପୁର - ସମ୍ବିଧାନର ଅନୁଚ୍ଛେଦ 132 ଏବଂ 133 (1) (c) ଅନୁଯାୟୀ ଦିଆଯାଇଥିବା ପ୍ରମାଣ ପତ୍ର ଆଧାରରେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟଙ୍କ ରାୟ ଏବଂ ଆଦେଶ ବିରୁଦ୍ଧରେ ଏହା ଏକ ଆବେଦନ । ଏଠାରେ ଥିବା ଉତ୍ତରଦାତା ଉଚ୍ଚ ନ୍ୟାୟାଳୟରେ ଦାଖଲ ହୋଇଥିବା ଆବେଦନଗୁଡ଼ିକ ମଧ୍ୟରୁ ଗୋଟିଏ ଆବେଦନରେ ସେହି ନ୍ୟାୟାଳୟରେ ଆବେଦନକାରୀ ଥିଲେ, ଯେଉଁଠାରେ ସେହି ପ୍ରଶ୍ନ ଉଠାଯାଇଥିଲା ଯାହା ବର୍ତ୍ତମାନ ଆମ୍ଭ

1960
ଉତ୍ତର ପ୍ରଦେଶ ରାଜ୍ୟ ଏବଂ ଅନ୍ୟମାନେ
ବନାମ
ଏଚ୍. ଏଚ୍. ମହାରାଜା ବ୍ରିଜେନ୍ଦ୍ର ସିଂହ
ନ୍ୟାୟମୂର୍ତ୍ତି କପୁର

ସମ୍ମୁଖରେ ଉଠାଯାଇଛି । ଆମ୍ଭ ସମ୍ମୁଖରେ ଉପସ୍ଥିତ ଥିବା ଆବେଦନକାରୀମାନେ ଉଚ୍ଚ ନ୍ୟାୟାଳୟରେ ଉତ୍ତରଦାତା ଥିଲେ ।

ଉତ୍ତରଦାତା ଭରତପୁର ରାଜ୍ୟର, ଯାହା ବର୍ତ୍ତମାନ ରାଜସ୍ଥାନର ଏକ ଅଂଶ ଅଟେ, ଶାସକ ଥିଲେ ଏବଂ ଆଗ୍ରାରେ ଥିବା ବିବାଦୀୟ 'କୋଠି କାନ୍ଧାରୀ ଜାଦିଦ୍' ନାମକ ସମ୍ପତ୍ତିର ସେ ମାଲିକ ଅଟନ୍ତି । 1950 ମସିହା ଜାନୁଆରୀ 28 ତାରିଖରେ, ଆଗ୍ରା ଉନ୍ନୟନ ନ୍ୟାସ - ଯାହାକୁ ଏହା ପରେ ନ୍ୟାସ କୁହାଯାଇଛି - ୟୁ. ପି. ଜମି ଅଧିଗ୍ରହଣ (ଶରଣାର୍ଥୀଙ୍କ ଥଇଥାନ) ଅଧିନିୟମ, 1948 (1948 ର ୟୁ. ପି. XXVI) ର - ଯାହାକୁ ଏହା ପରେ ଅଧିନିୟମ କୁହାଯାଇଛି- ଧାରା 5 ଅନୁଯାୟୀ ବିବାଦରେ ଥିବା ସମ୍ପତ୍ତିର ଅଧିଗ୍ରହଣ ପାଇଁ ଏକ ସଂକଳ୍ପ ପାରିତ କରିଥିଲା ଏବଂ ଅଧିନିୟମର ବ୍ୟବସ୍ଥାଗୁଡ଼ିକର ଅର୍ଥ ମଧ୍ୟରେ "ନିର୍ମାଣକାରୀ" ଭାବରେ କାର୍ଯ୍ୟ କରିବାକୁ ଇଚ୍ଛା ପ୍ରକାଶ କରିଥିଲା । ସରକାର 1950 ମସିହା ମେ 6 ତାରିଖରେ ନ୍ୟାସକୁ " ନିର୍ମାଣକାରୀ" ଭାବରେ ଘୋଷଣା କରିଥିଲେ ଏବଂ ଅଧିନିୟମର ସର୍ତ୍ତଗୁଡ଼ିକ ଅନୁଯାୟୀ 1950 ମସିହା ନଭେମ୍ବର 6 ତାରିଖରେ ଏକ ଚୁକ୍ତିନାମା ସ୍ୱାକ୍ଷର କରାଯାଇଥିଲା, ଯାହା 1951 ମସିହା ଜାନୁଆରୀ 6 ତାରିଖରେ ପ୍ରକାଶିତ ହୋଇଥିଲା । 1951 ମସିହା ଫେବୃଆରୀ 27 ତାରିଖରେ ନ୍ୟାସ ଅଧିଗ୍ରହଣର ଆନୁମାନିକ ମୂଲ୍ୟ ଭାବରେ 57,800 ଟଙ୍କା ଜମା କରିଥିଲା ଏବଂ ଅଧିନିୟମର ଧାରା 7 ଅନୁଯାୟୀ ଏକ ଅଧିସୂଚନା 1951 ମସିହା ଜୁଲାଇ 21 ତାରିଖରେ ୟୁ. ପି. ରାଜପତ୍ରରେ ପ୍ରକାଶିତ ହୋଇଥିଲା । ଧାରା 7 ର ଉପଧାରା (2) ଅନୁଯାୟୀ, ଅଧିସୂଚନା ପ୍ରକାଶ ପାଇବା ପରେ, ଅଧିଗ୍ରହଣ କରାଯାଇଥିବା ଜମି ସମ୍ପୂର୍ଣ୍ଣ ଭାବେ ରାଜ୍ୟରେ ନିହିତ ହେବାର ଥିଲା । ଆଗ୍ରାରେ କ୍ଷତିପୂରଣ ଅଧିକାରୀଙ୍କ ସମ୍ମୁଖରେ ହାଜର ହେବାକୁ ଉତ୍ତରଦାତାଙ୍କୁ ଏକ ସୂଚନା ପ୍ରଦାନ କରାଯିବା ପରେ, ସେ ଅଧିଗ୍ରହଣର ଉପଯୁକ୍ତତା ଏବଂ ଅଧିନିୟମର କ୍ଷମତାକୁ ପ୍ରତିବାଦ କରି କିଛି ଆପତ୍ତି ଦାଖଲ କରିଥିଲେ । ଏହା ମଧ୍ୟ ଅଭିଯୋଗ ହୋଇଥିଲା ଯେ ଜିଲ୍ଲାପାଳ, ଏହି ପ୍ରସଙ୍ଗରେ ନିଷ୍ପତ୍ତି ନନେଇ, ଦଖଲ କରିବାକୁ ଅଗ୍ରସର ହୋଇଥିଲେ । ଏହା ପରେ, ଉତ୍ତରଦାତା ଆବେଦନକାରୀମାନଙ୍କୁ ତାଙ୍କ ଜମି ଅଧିଗ୍ରହଣ କିମ୍ବା ତାଙ୍କ ଅଧିକାରରେ ହସ୍ତକ୍ଷେପ କରିବାକୁ ବାରଣ କରିବା ନିମନ୍ତେ ସମ୍ବିଧାନର ଅନୁଚ୍ଛେଦ 226 ଅନୁଯାୟୀ ଆହ୍ଲାବାଦ ଉଚ୍ଚ

1960
ଉତ୍ତର ପ୍ରଦେଶ ରାଜ୍ୟ ଏବଂ ଅନ୍ୟମାନେ ବନାମ ଏଚ୍. ଏଚ୍. ମହାରାଜା ବ୍ରିଜେନ୍ଦ୍ର ସିଂହ
ନ୍ୟାୟମୂର୍ତ୍ତି କପୁର

ନ୍ୟାୟାଳୟରେ ଏକ ଆଜ୍ଞାଦେଶ ପାଇଁ ଏକ ଆବେଦନ ଦାଖଲ କରିଥିଲେ । 1954 ମସିହା ଫେବୃଆରୀ 2 ତାରିଖରେ ଉଚ୍ଚ ନ୍ୟାୟାଳୟ ଏହି ଆବେଦନ ଖାରଜ କରିଦେଇଥିଲେ । କିନ୍ତୁ କେତେକ ସିଦ୍ଧାନ୍ତ ଦିଆଯାଇଥିଲା ଯାହା ଉପରେ ଆବେଦନକାରୀମାନେ ଆପତ୍ତି ଉଠାଇଥିଲେ । ଉଚ୍ଚ ନ୍ୟାୟାଳୟ ତାଙ୍କ ରାୟରେ କହିଥିଲେ:-

"ଏହି ଆବେଦନଗୁଡ଼ିକରେ ପ୍ରାର୍ଥନା ହେଉଛି ଯେ ଆବେଦନକାରୀମାନଙ୍କ ଜମି ଅଧିଗ୍ରହଣ କିମ୍ବା ଅନ୍ୟ କୌଣସି ଉପାୟରେ ସେମାନଙ୍କ ଅଧିକାରରେ ହସ୍ତକ୍ଷେପ କରିବାକୁ ରାଜ୍ୟ ସରକାରଙ୍କୁ ବାରଣ କରିବା ନିମନ୍ତେ ନ୍ୟାୟାଳୟ ଏକ ଆଜ୍ଞାଦେଶ, ନିର୍ଦ୍ଦେଶ କିମ୍ବା ଅନ୍ୟ ଉପଯୁକ୍ତ ଆଦେଶ ଦେଇପାରନ୍ତି ଏବଂ ଅନ୍ୟ ଉଚିତ ପ୍ରତିକାର ଦେଇପାରନ୍ତି ଯାହା ନ୍ୟାୟାଳୟ ଉପଯୁକ୍ତ ବୋଲି ବିବେଚନା କରୁଥିବେ" । ତେବେ ଶୁଣାଣି ସମୟରେ, ଆବେଦନକାରୀମାନଙ୍କ ପାଇଁ ବିଜ୍ଞ ଓକିଲ ଆହୁରି ନିର୍ଦ୍ଦିଷ୍ଟ ଭାବେ କହିଥିଲେ ଯେ ଆବେଦନକାରୀମାନେ ଯେଉଁ ପ୍ରତିକାର ମାଗିଥିଲେ ତାହା ଏକ ଉତ୍-ପ୍ରେଷଣ ଆଜ୍ଞାଦେଶ ଥିଲା, ଯେଉଁଥିରେ 1951 ମସିହା ଜୁଲାଇ 11 ତାରିଖରେ ରାଜ୍ୟ ସରକାରଙ୍କ ଦ୍ୱାରା, ଅଧିନିୟମର ଧାରା 7 ଅନୁଯାୟୀ କରାଯାଇଥିବା ଅଧିସୂଚନାକୁ ରଦ୍ଦ କରିବା ପାଇଁ, କିମ୍ବା ବିକଳ୍ପ ଭାବରେ, ଅଧିନିୟମର ଧାରା 11 ର ଉପଧାରା (1) ର ଦୁଇଟି ପରନ୍ତୁକକୁ ଅଣଦେଖା କରି ଅଧିନିୟମ ଅନୁଯାୟୀ ସେମାନଙ୍କୁ ଦିଆଯିବାକୁ ଥିବା କ୍ଷତିପୂରଣର ହିସାବ କରିବା ନିମନ୍ତେ କ୍ଷତିପୂରଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ପାଇଁ ଏକ ପରମ ଆଜ୍ଞାଦେଶ ଜାରି କରିବା ପାଇଁ ଅନୁରୋଧ କରାଯାଇଥିଲା ।

ଉତ୍ତରଦାତା ଉଚ୍ଚ ନ୍ୟାୟାଳୟରେ ନିବେଦନ କରିଥିଲେ ଯେ ଏହି ଅଧିନିୟମଟି ଅନୁଚ୍ଛେଦ 31 (2) ର ବ୍ୟବସ୍ଥାଗୁଡ଼ିକୁ ଉଲ୍ଲଂଘନ କରିଥିଲା ଏବଂ ସମ୍ବିଧାନର ଅନୁଚ୍ଛେଦ 31 (5) ର ବ୍ୟବସ୍ଥାଗୁଡ଼ିକ ଦ୍ୱାରା ଏହା ସଂରକ୍ଷିତ ନଥିଲା ଏବଂ ଏହି ଅଧିନିୟମଟି ସମ୍ବିଧାନର ଅନୁଚ୍ଛେଦ 14 କୁ ଉଲ୍ଲଂଘନ କରିଥିଲା ଏବଂ ଅନ୍ୟାନ୍ୟ ଅନେକ ବିବାଦର ବିଷୟ ମଧ୍ୟ ଉଠାଯାଇଥିଲା । ଏହି ଅଧିନିୟମର ଯେଉଁ ପ୍ରାସଙ୍ଗିକ ବ୍ୟବସ୍ଥାଟିର ବିଚାର କରିବା ଆବଶ୍ୟକ ହେଉଛି ତାହା ହେଉଛି ଧାରା 11, ଯାହା ନିମ୍ନମତେ କହିଥାଏ:-

*1960*
*ଉତ୍ତର ପ୍ରଦେଶ ରାଜ୍ୟ ଏବଂ ଅନ୍ୟମାନେ ବନାମ ଏଚ୍. ଏଚ୍. ମହାରାଜା ବ୍ରିଜେନ୍ଦ୍ର ସିଂହ*
*ନ୍ୟାୟମୂର୍ତ୍ତି କପୁର*

"11. (1) ଯେତେବେଳେ ଧାରା 7 କିମ୍ବା 9 ଅନୁଯାୟୀ କୌଣସି ଜମି ଅଧିଗ୍ରହଣ କରାଯାଏ, ସେତେବେଳେ କ୍ଷତିପୂରଣ ପ୍ରଦାନ କରାଯିବ, ଯାହାର ପରିମାଣ ଜମି ଅଧିଗ୍ରହଣ ଅଧିନିୟମ, 1894 ର ଧାରା 23 ର ଉପଧାରା (1) ର ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ଖଣ୍ଡଗୁଡ଼ିକରେ ଏବଂ ଉପଧାରା (2) ରେ ଥିବା ନିର୍ଦ୍ଧାରିତ ନୀତି ଅନୁଯାୟୀ କ୍ଷତିପୂରଣ ଅଧିକାରୀଙ୍କ ଦ୍ୱାରା ସ୍ଥିର କରାଯିବ:

ଉଲ୍ଲେଖଥାଉକି, ଉକ୍ତ ଉପଧାରାର ପ୍ରଥମ ଖଣ୍ଡରେ ସୂଚିତ ବଜାର ମୂଲ୍ୟ, ଧାରା 7 କିମ୍ବା 9 ଅନୁଯାୟୀ ବିଜ୍ଞପ୍ତି ପ୍ରକାଶ ପାଇବା ତାରିଖରେ କିମ୍ବା ଯଥାସ୍ଥିତି, 1939 ମସିହା ସେପ୍ଟେମ୍ବର ମାସର ପ୍ରଥମ ଦିନରେ, ଏହା ମଧ୍ୟରୁ ଯେଉଁଟି କମ୍ ହୋଇଥିବ, ସେହି ଜମିର ବଜାର ମୂଲ୍ୟ ବୋଲି ବିବେଚନା କରାଯିବ:

ଆହୁରି ଉଲ୍ଲେଖଥାଉ ଯେ, ଯେଉଁ କ୍ଷେତ୍ରରେ ଏପରି ଜମି 1948 ମସିହା ଏପ୍ରିଲ ମାସ ପ୍ରଥମ ଦିନ ପୂର୍ବରୁ, କିନ୍ତୁ 1939 ମସିହା ସେପ୍ଟେମ୍ବର ମାସ ପ୍ରଥମ ଦିନ ପରେ, ଏକ ପଞ୍ଜୀକୃତ ଦସ୍ତାବିଜ କିମ୍ବା ପୂର୍ବ ନିର୍ଦ୍ଧାରିତ ତାରିଖଗୁଡ଼ିକ ମଧ୍ୟରେ ଅଗ୍ରକ୍ରୟ ଅଧିକାର ପାଇଁ ଡିକ୍ରି ଦ୍ୱାରା କରାଯାଇଥିବା କ୍ରୟ ଅଧୀନରେ ମାଲିକଙ୍କ ପାଖରେ ରହିଅଛି, ସେହି କ୍ଷେତ୍ରରେ କ୍ଷତିପୂରଣ, ପରିସ୍ଥିତି ଅନୁସାରେ, କ୍ରେତାଙ୍କ ଦ୍ୱାରା ପ୍ରକୃତରେ ପ୍ରଦାନ କରାଯାଇଥିବା ମୂଲ୍ୟ ହେବ କିମ୍ବା ଯେଉଁ ଅର୍ଥ ପଇଠ ପରେ ସେ ଅଗ୍ରକ୍ରୟ ଅଧିକାର ଡିକ୍ରିରେ ଜମି ଅଧିଗ୍ରହଣ କରିଥାଇପାରନ୍ତି, ତାହା ହେବ" ।

ଉଚ୍ଚ ନ୍ୟାୟାଳୟ ବିଚାର କରିଥିଲେ ଯେ ଏହି ଦୁଇଟି ପରନ୍ତୁକ ଅବୈଧ ଥିଲା ଏବଂ ଏହି ଆପତ୍ତିଜନକ ପରନ୍ତୁକଗୁଡ଼ିକ ଛଡ଼ା, ଅଧିନିୟମ 11 (1) ଅବୈଧ ନଥିଲା ଏବଂ ଫଳସ୍ୱରୂପ ଆବେଦନକାରୀମାନଙ୍କ ଆଦେଶ ଏକ ବୈଧ ଆଦେଶ ଥିଲା ଏବଂ ଏହି କାରଣରୁ ଉତ୍-ପ୍ରେଷଣ ଆଜ୍ଞାଦେଶକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା ।

ପରମ ଆଜ୍ଞାଦେଶ ପାଇଁ ପ୍ରାର୍ଥନା ସମ୍ବନ୍ଧରେ, ଉଚ୍ଚ ନ୍ୟାୟାଳୟ କହିଥିଲେ:-

"କିମ୍ବା ଆମ୍ଭେ ଭାବୁନାହୁଁ ଯେ ଆମ୍ଭେ ପରମ ଆଜ୍ଞାଦେଶ ଦେଇ କ୍ଷତିପୂରଣ ଅଧିକାରୀଙ୍କୁ ଧାରା 11 (1) ର ପରନ୍ତୁକଗୁଡ଼ିକୁ ଅଣଦେଖା କରି ଆବେଦନକାରୀମାନଙ୍କୁ

1960
ଉତ୍ତର ପ୍ରଦେଶ ରାଜ୍ୟ ଏବଂ ଅନ୍ୟମାନେ ବନାମ ଏଚ୍. ଏଚ୍. ମହାରାଜା ବ୍ରିଜେନ୍ଦ୍ର ସିଂହ
ନ୍ୟାୟମୂର୍ତ୍ତି କପୁର

ଦିଆ ଯିବାକୁ ଥିବା କ୍ଷତିପୂରଣର ନିର୍ଣ୍ଣୟ କରିବାର ନିର୍ଦ୍ଦେଶ ଦେବା ଉଚିତ୍ । ଆମ୍ଭେ ସେହି ପରନ୍ତୁକଗୁଡ଼ିକୁ ଅବୈଧ ବୋଲି ବିବେଚନା କରିଛୁ । କ୍ଷତିପୂରଣ ଅଧିକାରୀ, କୌଣସି କାରଣ ହେତୁ ଯାହା ଆମ୍ଭମାନଙ୍କୁ ଅଜଣା, ଏପର୍ଯ୍ୟନ୍ତ କ୍ଷତିପୂରଣ ନିର୍ଣ୍ଣୟ କାର୍ଯ୍ୟ ଆରମ୍ଭ କରି ନାହାନ୍ତି, କିନ୍ତୁ ଯେବେ ସେ ଏହା କରିବେ, ଆମ୍ଭେ ଧରି ନେଉଛୁ ଯେ ସେ ଆମ୍ଭେ ପ୍ରକାଶ କରିଥିବା ମତ ଦ୍ଵାରା ପ୍ରଭାବିତ ହେବେ; ଆମ୍ଭେ ଧରି ନେଇପାରିବୁ ନାହିଁ ଯେ ସେ ଅନ୍ୟଥା କରିବେ ।

ତେଣୁ ଆବେଦନଟି ଖାରଜ କରାଯାଇଥିଲା କିନ୍ତୁ ଆବେଦନକାରୀମାନଙ୍କୁ ଖର୍ଚ୍ଚ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହି ରାୟ ବିରୁଦ୍ଧରେ ଆବେଦନକାରୀମାନେ ଏକ ପ୍ରମାଣ ପତ୍ର ଦ୍ଵାରା ଏହି ନ୍ୟାୟାଳୟରେ ଆବେଦନ କରିଛନ୍ତି । ଆବେଦନଟି ଖାରଜ ହୋଇଥିଲା ଏବଂ ପ୍ରମାଣ ପତ୍ରର ବୈଧତାକୁ ଆମ୍ଭ ସମ୍ମୁଖରେ ପ୍ରତିବାଦ କରାଯାଇନଥିଲା - ଏହି ଆଧାରରେ ଆବେଦନର ନିପୂଣତାକୁ ନେଇ ଉତ୍ତରଦାତାଙ୍କ ଦ୍ଵାରା କୌଣସି ଆପତ୍ତି କରାଯାଇନଥିଲା ।

ନିର୍ଣ୍ଣୟ ପାଇଁ ଏକମାତ୍ର ପ୍ରଶ୍ନ ହେଉଛି ଯେ ଭାରତ ସରକାର ଅଧିନିୟମ, 1935 ର ଧାରା 299 (2) ର ବ୍ୟବସ୍ଥାଗୁଡ଼ିକ ହେତୁ ଅଧିନିୟମର ଧାରା 11 (1) ର ଦୁଇଟି ପରନ୍ତୁକ ଅସାମ୍ବିଧାନିକ ଅଟେ କି ନାହିଁ । ସମ୍ବିଧାନ (ପ୍ରଥମ ସଂଶୋଧନ) ଅଧିନିୟମ, 1951 ଦ୍ଵାରା ସମ୍ବିଧାନ ସଂଶୋଧନ କରାଯାଇଥିଲା ଏବଂ ସମ୍ବିଧାନରେ ଅନୁଚ୍ଛେଦ 31-B କୁ ଅନ୍ତର୍ଭୁକ୍ତ କରାଯାଇଥିଲା ଯାହା ନିମ୍ନରେ ଦିଆଗଲା:

"ଅନୁଚ୍ଛେଦ 31-A ରେ ଥିବା ବ୍ୟବସ୍ଥାଗୁଡ଼ିକର ବ୍ୟାପକତା ଉପରେ ପ୍ରତିକୂଳ ପ୍ରଭାବ ନ ପକାଇ ନବମ ଅନୁସୂଚୀରେ ବିନିର୍ଦ୍ଦିଷ୍ଟ ଅଧିନିୟମଗୁଡ଼ିକ ଏବଂ ନିୟମାବଳୀ କିମ୍ବା ତହିଁର କୌଣସି ବ୍ୟବସ୍ଥାଗୁଡ଼ିକ ଏହି ଭାଗର କୌଣସି ବ୍ୟବସ୍ଥାଗୁଡ଼ିକ ଦ୍ଵାରା ପ୍ରଦତ୍ତ ଅଧିକାରଗୁଡ଼ିକ ମଧ୍ୟରୁ କାହାରି ଅସଙ୍ଗତ ହୋଇଥିବା ଆଧାର ଉପରେ ଅସିଦ୍ଧ ଅଟେ ବୋଲି କିମ୍ବା କେବେ ଅସିଦ୍ଧ ହୋଇଅଛି ବୋଲି ବିବେଚିତ ହେବ ନାହିଁ ଏବଂ କୌଣସି ନ୍ୟାୟାଳୟ କିମ୍ବା ନ୍ୟାୟାଧିକରଣର ତହିଁର ପ୍ରତିକୂଳ କୌଣସି ରାୟ, ଡିକ୍ରି କିମ୍ବା ଆଦେଶ ଥିବା ସତ୍ତ୍ୱେ, ସେହି

1960
ଉତ୍ତର ପ୍ରଦେଶ ରାଜ୍ୟ ଏବଂ ଅନ୍ୟମାନେ
ବନାମ
ଏଚ୍. ଏଚ୍. ମହାରାଜା ବ୍ରିଜେନ୍ଦ୍ର ସିଂହ
ନ୍ୟାୟମୂର୍ତ୍ତି କପୁର

ଅଧିନିୟମ କିମ୍ବା ନିୟମାବଳୀ ମଧ୍ୟରୁ ପ୍ରତ୍ୟେକ, କୌଣସି ସକ୍ଷମ ବିଧାନ ମଣ୍ଡଳର ତାହାକୁ ନିରସିତ କିମ୍ବା ସଂଶୋଧିତ କରିବା କ୍ଷମତାର ବଶବର୍ତ୍ତୀ ରହି, ପ୍ରବୃତ୍ତ ହେବା ଚାଲୁ ରହିବ" ।

ସମ୍ବିଧାନ (ଚତୁର୍ଥ ସଂଶୋଧନ) ଅଧିନିୟମ, 1955 ର ଧାରା 5 ଦ୍ୱାରା, ଯାହା 1955 ମସିହା ଏପ୍ରିଲ୍ 27 ତାରିଖରେ ପ୍ରକାଶିତ ହୋଇଥିଲା, ଏହି ଅଧିନିୟମକୁ ନବମ ଅନୁସୂଚୀରେ ଅନ୍ତର୍ଭୁକ୍ତ କରାଯାଇଥିଲା ଏବଂ ଏହା ବିଷୟ ସଂଖ୍ୟା 15 ଅଟେ । ଆବେଦନକାରୀଙ୍କ ତରଫରୁ ଯୁକ୍ତି କରାଯାଇଥିଲା ଯେ ନବମ ଅନୁସୂଚୀରେ ଏହି ଅଧିନିୟମକୁ ଅନ୍ତର୍ଭୁକ୍ତ କରିବା ଦ୍ୱାରା, ଭାରତ ସରକାର ଅଧିନିୟମର ଧାରା 299 (2) କାରଣରୁ ଅଧିନିୟମର ଅସାମ୍ବିଧାନିକତାର ଆଧାର ଉତ୍ତରଦାତାଙ୍କ ପାଇଁ ଆଉ ଉପଲବ୍ଧ ନାହିଁ ଏବଂ ଭାରତ ସରକାର ଅଧିନିୟମର ଧାରା 299 (2) ରେ ଯାହା ସୁରକ୍ଷା ଭାବରେ ପ୍ରଦାନ କରାଯାଇଥିଲା ତାହା ସମ୍ବିଧାନରେ ଅନ୍ତର୍ଭୁକ୍ତ ହୋଇଛି ଏବଂ ତେଣୁ ଭାରତ ସରକାର ଅଧିନିୟମର ଧାରା 299 (2) ର ଉଲ୍ଲଂଘନ ହେତୁ ଉତ୍ପନ୍ନ ହେଉଥିବା କୌଣସି ଅସାମ୍ବିଧାନିକତା ସମ୍ବିଧାନର ଅନୁଚ୍ଛେଦ 31-B ଦ୍ୱାରା ପ୍ରତିକାର ହୋଇଥାଏ । ଏହି ପ୍ରଶ୍ନ *ଧୀରୁଭା ଦେବୀସିଂହ ଗୋହିଲ ବନାମ ବମ୍ବେ ରାଜ୍ୟ*[1] ମାମଲାରେ ଉଠାଯାଇଥିଲା ଏବଂ ନିଷ୍ପତ୍ତି ନିଆଯାଇଥିଲା । ଏହା ବିଚାର କରାଯାଇଥିଲା ଯେ ଭାରତ ସରକାର ଅଧିନିୟମର ଧାରା 299 (2) ମୂଳତଃ ଏକ ମୌଳିକ ଅଧିକାର ଥିଲା ଯାହାକୁ ଭାରତ ସରକାର ଅଧିନିୟମରୁ ଉଚ୍ଛେଦ କରି ସମ୍ବିଧାନର ତୃତୀୟ ଭାଗରେ ସାମିଲ କରାଯାଇଥିଲା । ତେଣୁ ଅନୁଚ୍ଛେଦ 31-B ଅଧୀନରେ ଉଲ୍ଲେଖ କରାଯାଇଥିବା ମୌଳିକ ଅଧିକାରର ଉଲ୍ଲଙ୍ଘନ ବିରୁଦ୍ଧରେ ରହିଥିବା ସୁରକ୍ଷା, ଭାରତ ସରକାର ଅଧିନିୟମର ଧାରା 299 ଅନୁଯାୟୀ ରହିଥିବା ଅଧିକାର ପର୍ଯ୍ୟନ୍ତ ମଧ୍ୟ ବିସ୍ତାର କରିବା ଆବଶ୍ୟକ । ସେହି ରାୟର ପୃଷ୍ଠା ସଂଖ୍ୟା 695 ରେ ଥିବା ନିମ୍ନଲିଖିତ ଉଦ୍ଧୃତାଂଶଟି ଗୁରୁତ୍ୱପୂର୍ଣ୍ଣ ଅଟେ ଏବଂ ବର୍ତ୍ତମାନର ମାମଲାର ତଥ୍ୟ ପାଇଁ ପ୍ରଯୁଜ୍ୟ ଅଟେ ।

"ଅନୁଚ୍ଛେଦ 31-B ଯାହା ସୁରକ୍ଷା ଦିଏ ତାହା କେବଳ ସମ୍ବିଧାନର ତୃତୀୟ ଭାଗର 'ବ୍ୟବସ୍ଥାଗୁଡ଼ିକର ଉଲ୍ଲଂଘନ' ପାଇଁ ନୁହେଁ, ବରଂ ଏହି ଆଧାରରେ ଏହା ଏକ ଆପତ୍ତି ଯେ ଏହି ଆକ୍ଷେପିତ ଅଧିନିୟମ, ଏହି ଭାଗର ଯେକୌଣସି ବ୍ୟବସ୍ଥାଗୁଡ଼ିକ ଦ୍ୱାରା ପ୍ରଦତ୍ତ ଯେକୌଣସି

[1] [1955] 1 S.C.R. 691, 695.

ଅଧିକାର ସହିତ 'ଅସଙ୍ଗତ କିମ୍ବା ଛଡ଼ାଇ ନେଉଥାଏ କିମ୍ବା କ୍ଷୁର୍ଣ୍ଣ କରୁଥାଏ": ସମ୍ବିଧାନର ତୃତୀୟ ଭାଗ ଦ୍ୱାରା ଜଣେ ବ୍ୟକ୍ତିଙ୍କୁ ସୁରକ୍ଷିତ କରାଯାଇଥିବା ଅଧିକାର ମଧ୍ୟରୁ ଗୋଟିଏ ଅଧିକାର ହେଉଛି ଏହା ଯେ ତାଙ୍କ ସମ୍ପତ୍ତି କେବଳ ସାର୍ବଜନୀନ ଉଦ୍ଦେଶ୍ୟରେ ଅଧିଗ୍ରହଣ କରାଯିବ ଏବଂ ଏପରି ଅଧିଗ୍ରହଣକୁ ପ୍ରାଧିକୃତ କରୁଥିବା ଏକ ଆଇନ ଅଧୀନରେ ଅଧିଗ୍ରହଣ କରାଯିବ ଏବଂ କ୍ଷତିପୂରଣ ପାଇଁ ବ୍ୟବସ୍ଥା କରିବ ଯାହା ସ୍ୱତଃ ଆଇନ ଦ୍ୱାରା ସ୍ଥିର ହୋଇଥିବ କିମ୍ବା ଆଇନ ଦ୍ୱାରା ନିର୍ଦ୍ଦିଷ୍ଟ ନୀତି ଦ୍ୱାରା ନିୟନ୍ତ୍ରିତ ହୋଇଥିବ । ଏହା ମଧ୍ୟ ସେହି ଅଧିକାର ଅଟେ ଯାହା ପୂର୍ବରୁ ଭାରତ ସରକାର ଅଧିନିୟମର ଧାରା 299 ଅନୁଯାୟୀ ସେହି ବ୍ୟକ୍ତିଙ୍କୁ ସୁରକ୍ଷିତ କରୁଥିଲା ।

*ଧୀରୁଭା ଦେବୀସିଂହ ଗୋହିଲଙ୍କ ମାମଲାରେ*[1] ଏହି ନ୍ୟାୟାଳୟଙ୍କ ରାୟକୁ ଦୃଷ୍ଟିରେ ରଖି, ଭାରତ ସରକାର ଅଧିନିୟମର ଧାରା 299 ର ଉଲ୍ଲଙ୍ଘନ ଉପରେ ଆଧାରିତ ଅସାମ୍ବିଧାନିକତାର ଆଧାର ଉତ୍ତରଦାତାଙ୍କ ପାଇଁ ଉପଲବ୍ଧ ହେବ ନାହିଁ । କିନ୍ତୁ ଉତ୍ତରଦାତାଙ୍କ ତରଫରୁ ଯୁକ୍ତି କରାଯାଇଥିଲା ଯେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଣ୍ଣୟ ପରେ ଆସିଥିବା ସମ୍ବିଧାନର ସଂଶୋଧନ ପୂର୍ବ ଆଇନ ପ୍ରଣୟନକୁ ବୈଧ କରିପାରିବ ନାହିଁ, ଯାହା ପାରିତ ହେବା ସମୟରେ ଅସାମ୍ବିଧାନିକ ଥିଲା ଏବଂ *ସାଘିର ଅହମ୍ମଦ ବନାମ ୟୁ. ପି. ରାଜ୍ୟ ମାମଲାରେ*[2] ଏହି ନ୍ୟାୟାଳୟଙ୍କ ରାୟ ଉପରେ ନିର୍ଭରଶୀଳ ଥିଲା । କିନ୍ତୁ ବର୍ତ୍ତମାନର ମାମଲାରେ ଅନୁଚ୍ଛେଦ 31-B ସହିତ ନବମ ଅନୁସୂଚୀ ପଠନ କରିବା ଫଳରେ ଏହି ଅଧିନିୟମର ବ୍ୟବସ୍ଥାଗୁଡ଼ିକର ସାମ୍ବିଧାନିକତା ଉପରେ କୌଣସି ଆପତ୍ତିରୁ ସେଗୁଡ଼ିକୁ ବିଶେଷ ଭାବରେ ରକ୍ଷା କରାଯାଇଛି, ଯାହାର ପ୍ରଭାବ ହେଉଛି ଯେ ଏହି ଅଧିନିୟମକୁ ଭାରତ ସରକାର ଅଧିନିୟମର କାର୍ଯ୍ୟକାରିତା ଦ୍ୱାରା ପ୍ରଭାବିତ ହେବା କାରଣରୁ ଅସିଦ୍ଧ ବୋଲି ବିବେଚନା କରାଯାଇପାରିବ ନାହିଁ କିମ୍ବା କଦାପି ଅସିଦ୍ଧ ହୋଇପାରିବ ନାହିଁ ।

ଫଳସ୍ୱରୂପ, ଏହି ଆବେଦନକୁ ଅନୁମତି ଦିଆଯାଇଛି ଏବଂ ଅଧିନିୟମର ଧାରା 11 (1) ର ଦୁଇଟି ପରନ୍ତୁକକୁ ଅସିଦ୍ଧ ଘୋଷଣା କରିଥିବା ଉଚ୍ଚ ନ୍ୟାୟାଳୟଙ୍କ ରାୟର ସେହି ଅଂଶକୁ ବାତିଲ କରିଦିଆଯାଇଛି । ଉଚ୍ଚ ନ୍ୟାୟାଳୟ ଆବେଦନକାରୀଙ୍କ ବିରୋଧରେ ଖର୍ଚ୍ଚ

[1] [1955] 1 S.C.R. 691, 695
[2] [1955] 1 S.C.R. 707 at pp. 727-728.

*1960*
*ଉତ୍ତର ପ୍ରଦେଶ ରାଜ୍ୟ ଏବଂ ଅନ୍ୟମାନେ ବନାମ ଏଚ୍. ଏଚ୍. ମହାରାଜା ବ୍ରିଜେନ୍ଦ୍ର ସିଂହ*
*ନ୍ୟାୟମୂର୍ତ୍ତି କପୁର*

ଅଧିନିର୍ଣ୍ଣିତ କରିଥିଲେ । ସେହି ଆଦେଶକୁ ମଧ୍ୟ ବାତିଲ କରିଦିଆଯାଇଛି । କିନ୍ତୁ ଏହି ଯୁକ୍ତିର ଭିତ୍ତିକୁ ଦୃଷ୍ଟିରେ ରଖି ଯେ ଆବେଦନଟି ପରବର୍ତ୍ତୀ ଘଟଣା ପାଇଁ ସଫଳ ହୋଇଛି, ଅର୍ଥାତ୍ ନବମ ଅନୁସୂଚୀରେ ଏହି ଅଧିନିୟମକୁ ଅନ୍ତର୍ଭୁକ୍ତ କରାଯାଇଛି, ଆମ୍ଭେ ଆଦେଶ ଦେଉଛୁ ଯେ ପକ୍ଷମାନେ ଏହି ନ୍ୟାୟାଳୟରେ ସେମାନଙ୍କର ନିଜସ୍ୱ ଖର୍ଚ୍ଚ ବହନ କରିବେ ।

ଆବେଦନକୁ ଅନୁମତି ଦିଆଗଲା ।

## ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ। ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ।"

***ଭାଷାନ୍ତର :***

ଅମରେଶ୍ୱର ମିଶ୍ର, ଅନୁବାଦକ,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।